# ପିଲାମାନଙ୍କ ପାଇଁ ବାଇବଲ

## ଉପହାର

ବିଦାୟ

ଫାରୋ



ଲେଖକ: Edward Hughes

ଦୃଷ୍ଟାନ୍ତ: Janie Forest

ଉପଯୋଜକ: Lyn Doerksen

ଅନୁବାଦକ: Prasanta Bhuyan

ପ୍ରୟୋଯୋକ: Bible for Children
www.M1914.org

©2017 Bible for Children, Inc.
ଅନୁମତି ପତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପଣଙ୍କର ଅଧୀକାର ଅଛି,· ଯେଉଁ ପର୍ଯ୍ୟନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।



ଫାରୋ କ୍ରୋଧିତ ହେଲେ,
ଇସ୍ରାଏଲୀୟ ଦାସମାନେ ମିଶର
ଦେଶରୁ ଛାଡ଼ିଦେବାକୁ ପରମେଶ୍ୱର
ମୋଶାଙ୍କ ଜରିଆରେ ଫାରୋଙ୍କୁ
ଆଜ୍ଞାକରିଥିଲେ । ସେ
ମନା କରିଦେଲେ ।



ସେମାନଙ୍କୁ କଠିନ ପରିଶ୍ରମ
କରାଇବା ନିମନ୍ତେ ଫାରୋ ତାଙ୍କର
କାର୍ଯ୍ୟଶାସକ ଓ ଅଧ୍ୟକ୍ଷମାନଙ୍କୁ
ଆଜ୍ଞା କଲେ । ବର୍ତ୍ତମାନ୍
ଇସ୍ରାଏଲୀୟମାନଙ୍କ ପରିସ୍ଥିତି
ଅଧିକ ଜଟିଳ ହୋଇଗଲା ।

ଇଟା ତିଆରି କରିବା ନିମନ୍ତେ ଏହି ସମୟଠାରୁ ନିଜକୁ ପାଳ ସଂଗ୍ରହ କରିବାକୁ ପଡ଼ିବ । ପୂର୍ବପରି ତୁମ୍ଭମାନଙ୍କୁ ତାହା ପ୍ରଦାନ କରାଯିବ ନାହିଁ । ମାତ୍ର ଇଟାର ସଂଖ୍ୟା ପୂର୍ବପରି



ସମାନ

ପରିମାଣରେ ଦେବାକୁ ପଡ଼ିଲା । ତାହା ଥିଲା

ଫାରୋଙ୍କର ନୂତନ ଆଜ୍ଞା ।




କାର୍ଯ୍ୟଶାସକମାନେ କେତେକ
ଦାସମାନଙ୍କୁ ପ୍ରହାର କଲେ କାରଣ
ପାଳର ଅଭାବ ହେତୁ ସେମାନେ
ସମାନ ପରମାଣରେ ଇଟା ଯୋଗାଇ
ପାରିଲେ ନାହିଁ ।



ଲୋକମାନେ ସେମାନଙ୍କର ଅସୁବିଧା ନିମନ୍ତେ ମୋଶା ଏବଂ ହାରୋଣଙ୍କୁ ଦୟୀକଲେ । ସେ ସମୟରେ ମୋଶା ଏକ ସ୍ଥାନପାଇ ପ୍ରାର୍ଥନା କଲେ ।

ହେ ସଦାପ୍ରଭୁ, ତୁମ୍ଭେ ଆପଣା ଲୋକମାନଙ୍କୁ ଏପର୍ଯ୍ୟନ୍ତ ଉଦ୍ଧାର କରିନାହଁ ।



ସଦାପ୍ରଭୁ ଉତ୍ତର
ଦେଇ କହିଲେ, ଆମ୍ଭେ
ତୁମ୍ଭର ପରମେଶ୍ୱର,
ତୁମ୍ଭମାନଙ୍କୁ ବାହାର
କରି ଆଣିବା ।

ତାହାପରେ ସଦାପ୍ରଭୁ
ମୋଶା ଏବଂ
ହାରୋଣଙ୍କୁ ପୁଣିଥରେ
ଫାରୋଙ୍କ ନିକଟକୁ
ପ୍ରେରଣ କଲେ ।



ଯେତେବଳେ ସେହି ଶକ୍ତିଶାଳୀ
ରାଜା ସେମାନଙ୍କୁ
ପରମେଶ୍ୱରଙ୍କଠାରୁ
ଏକ ଚିହ୍ନ ମାଗିଲେ,
ହାରୋଣଙ୍କର ଯଷ୍ଠି

ସର୍ପରେ ପରିଣତ
ହୋଇଗଲା ।





ମୋହର ମନ୍ତ୍ରଜ୍ଞମାନଙ୍କୁ ଡାକ,
ଫାରୋ ଜୋର୍ କରି ପାଟିକଲେ ।
ମିଶ୍ରୀୟ ମନ୍ତ୍ରଜ୍ଞମାନେ ମଧ୍ୟ ନିଜ
ନିଜ ଯଷ୍ଠି ଫିଙ୍ଗି ସର୍ପ କଲେ ।
ମାତ୍ର ହାରୋଣଙ୍କ ସର୍ପ ସେହି
ସମସ୍ତ ସର୍ପଗୁଡ଼ାକୁ ଗିଳିପକାଇଲା ।
ତଥାପି, ଫାରୋ ଲୋକମାନଙ୍କୁ
ଯିବାକୁ
ଦେଲେ
ନାହିଁ ।

ପରଦିନ ସକାଳେ, ମୋଶା ଓ ହାରୋଣ ନଦୀରେ ଫାରୋଙ୍କୁ ମିଶିଲେ ।
ଯେତେବେଳେ ହାରୋଣ ନିଜ ଯଷ୍ଟିରେ ନଦୀଜଳକୁ ଆଘାତ କରନ୍ତେ
ତାହା ରକ୍ତରେ ପରିଣତ ହୋଇଗଲା ।



କିନ୍ତୁ ଫାରୋଙ୍କ ହୃଦୟ କଠିନ ହେଲା । ସେ ଇସ୍ରାଏଲୀୟମାନଙ୍କୁ ମିଶର ଦେଶଛାଡ଼ି ଯିବାକୁ ଦେଲେନାହିଁ ।





ପୁନର୍ବାର, ମୋଶା ଫାରୋଙ୍କୁ କହିଲେ, ଆମ୍ଭ
ଲୋକମାନଙ୍କୁ ମିଶରରୁ
ଯିବାକୁ ଛାଡ଼ିଦିଅ ।
ପୁନର୍ବାର ଫାରୋ ମନା
କରିଦେଲେ । ସଦାପ୍ରଭୁ
ଅନ୍ୟ ଏକ ବିପତ୍ତି
ପ୍ରେରଣ କଲେ । ସମସ୍ତ
ମିଶରରେ ବେଙ୍ଗରେ
ପରିପୂର୍ଣ୍ଣ ହୋଇଗଲା ।



ପ୍ରତ୍ୟକ ଗୃହ, ଶୟନାଗାର, ଏପରି କି ରାନ୍ଧିବା ବାସନରେ ବେଙ୍ଗରେ ପୂର୍ଣ୍ଣ ହେଲା । ତହୁଁ ଫାରୋ ମୋଶା ଓ ହାରୋଣଙ୍କୁ କହିଲେ, ଆମ୍ଭଠାରୁ ଓ ଆମ୍ଭ ଲୋକମାନଙ୍କଠାରୁ ବେଙ୍ଗ ଦୂର କରିବାକୁ ସଦାପ୍ରଭୁଙ୍କଠାରେ ପ୍ରାର୍ଥନା କର ।



ତହିଁରେ ଆମ୍ଭେ ସଦାପ୍ରଭୁଙ୍କ
ଉଦ୍ଦେଶ୍ୟରେ ବଳିଦାନ
କରିବା ନିମନ୍ତେ
ଲୋକମାନଙ୍କୁ
ଛାଡ଼ିଦେବା । କିନ୍ତୁ,
ଫାରୋ ବିପଦର ନିବୃତ୍ତ
ଦେଖି ମନ ବଦଳାଇଲେ ।
ସେ ଦାସମାନଙ୍କୁ ମୁକ୍ତ
କରିବେ ନାହିଁ ।

ସଦାପ୍ରଭୁ ତାହାପରେ ସାରା ମିଶରରେ ଉକୁଣିଆ ପୋକ ପ୍ରେରଣ କଲେ । ତହିଁରେ ମନୁଷ୍ୟ ଓ ପଶୁମାନଙ୍କ ଉପରେ ଉକୁଣିଆ ପୋକ କାମୁଡ଼ାରେ କୁଣ୍ଡାଇବାରେ ଲାଗିଲେ, ତଥାପି ଫାରୋ ସଦାପ୍ରଭୁଙ୍କୁ ମନଯୋଗ କଲା ନାହିଁ ।







ତାହପରେ ସଦାପ୍ରଭୁ ଦଂଶକାଦୀର
ଝାଙ୍କ ଫ୍ରେରଣ କଲେ, ସଦାପ୍ରଭୁ ଏକ
ରୋଗ ଦ୍ୱାରା ମିଶ୍ରୀୟମାନଙ୍କର
ସମସ୍ତ ପଶୁ ମଲେ । ସଦାପ୍ରଭୁ
ଦାହଯୁକ୍ତ ବଥ ଜନ୍ମାଇଲେ ।





ଲୋକମାନଙ୍କର ବଡ଼
ଅସୁବିଧା ହେଲା । ତଥାପି
ଫାରୋ ସଦାପ୍ରଭୁଙ୍କୁ
ବିରୋଧ କଲେ ।



ଦାହଯୁକ୍ତ ବଥ ଜନ୍ମାଇବା ପରେ,
ସଦାପ୍ରଭୁ ପଙ୍ଗପାଳ ପ୍ରେରଣ
କଲେ । ପଙ୍ଗପାଳ
ମାନଙ୍କର ଦଳ ଜମିର
ସମସ୍ତ ସବୁଜ ଫସଲ
ଖାଇପକାଇଲେ ।



ତାପରେ ସଦାପ୍ରଭୁ ତିନିଦିନ ପର୍ଯ୍ୟନ୍ତ
ସମ୍ପୂର୍ଣ୍ଣ ଭାବରେ ଅନ୍ଧକାର ହୋଇ
ରହିବାକୁ ଆଦେଶ ଦେଲେ । ମାତ୍ର
ଜିଦ୍‌ଖୋର୍ ଫାରୋ
ଇସ୍ରାଏଲୀୟମାନଙ୍କୁ ମୁକ୍ତ
କଲେନାହିଁ ।

ଆମ୍ଭେ ଆଉ ଏକ ଉତ୍ପାତ ଆଣିବା, ସଦାପ୍ରଭୁ ସାବଧାନ କଲେ । ଦୁଇପ୍ରହର ରାତ୍ରୀରେ ମିଶରର ସମସ୍ତ ମନୁଷ୍ୟ ଓ ପଶୁମାନଙ୍କର ପ୍ରଥମଜାତର ମୃତ୍ତୁ ହେବ । ମାତ୍ର ଇସ୍ରାଏଲର ସମସ୍ତ ପ୍ରଥମଜାତର ଉଦ୍ଧାର ହେବ ଯଦି ସେମାନେ ନିଜ ଗୃହଦ୍ୱାରର ବାଜୁବନ୍ଧ ଓ କପାଳୀ ଉପରେ ମେଷଶାବକର ରକ୍ତ ଲଗାଇବେ ।





ମଧ୍ୟରାତ୍ରରେ, ମିଶର ଦେଶରେ ମହାରୋଦନ ଶୁଣାଗଲା । ମୃତୁ ଆଘାତ କଲା । ପ୍ରତ୍ୟକ ଗୃହରେ ଅନ୍ତତ ଜଣେ ମରିଯାଇଥିଲା ।





ବାହାରିଯାଅ, ଫାରୋ ମୋଶା
ଓ ହାରୋଣଙ୍କୁ ବିନତି କଲେ ।
ଯାଅ, ସଦାପ୍ରଭୁଙ୍କର ସେବା
କରିବାପାଇଁ ଯାତ୍ରାକର ।



ଶିଘ୍ର, ପରମେଶ୍ୱରଙ୍କ
ଲୋକମାନେ ପାଦଗତିରେ
ମିଶ୍ରିୟ ସିମା
ଅତିକ୍ରମ କଲେ ।



ସଦାପ୍ରଭୁ ମୋଶାଙ୍କୁ ସେହି ରାତ୍ରୀକୁ ମନେ
ପକାଇବାକୁ କହିଲେ କାରଣ ସଦାପ୍ରଭୁଙ୍କଠାରୁ
ଏକ ସଂହାରକ ଦୂତ ଇସ୍ରାଏଲୀୟ ଗୃହକୁ ଅତିକ୍ରମ କରି ଫାରୋ ଓ
ତାଙ୍କ ଲୋକମାନଙ୍କର ପ୍ରଥମଜାତକୁ ବଧ କଲେ ।



ମିଶରରେ ପ୍ରାୟ ଚାରିଶହ
ତିରଶ ବର୍ଷ ଦାସତ୍ୱ ପରେ ଇସ୍ରାଏଲ୍
ବର୍ତ୍ତମାନ ଦାସତ୍ୱରୁ ମୁକ୍ତ ଅଟେ । ସଦାପ୍ରଭୁ ସେମାନଙ୍କୁ ଦିନରେ
ମେଘସ୍ତମ୍ଭ ଓ ରାତ୍ରୀରେ ଅଗ୍ନିସ୍ତମ୍ଭ ହୋଇ ଆଗେଇ ନେଲେ ।

# ମାତ୍ର ଫାରୋ ଇସ୍ରାଏଲୀୟ ମାନଙ୍କ



ସହିତ ସଂପନ୍ନ ହୋଇନଥିଲା । ସେ ପୁନର୍ବାର ସଦାପ୍ରଭୁଙ୍କୁ ପାଶୋରିଗଲେ । ସେ ନିଜର ସୈନ୍ୟ ପ୍ରସ୍ତୁତ କଲେ ଓ ଇସ୍ରାଏଲ୍ ପଛରେ ଗଲେ । ଶିଘ୍ର, ସେ ସେମାନଙ୍କୁ ଢ଼ଙ୍ଗାଣ ଓ ସମୁଦ୍ର ମଧ୍ୟରେ ଫସାଇଲେ ।

ସଦାପ୍ରଭୁ ଆପେ ତୁମ୍ଭମାନଙ୍କ ନିମନ୍ତେ ଯୁଦ୍ଧ କରିବେ, ମୋଶା
କହିଲେ । ମୋଶା ଆଗକୁ ଯାଇ ସମୁଦ୍ର ଉପରେ
ହସ୍ତ ବିସ୍ତାର କଲେ ।



ସେଠାରେ ଏକ ମହା
ଆଶ୍ଚର୍ଯ୍ୟକର୍ମ

ହେଲା । ସଦାପ୍ରଭୁ
ସମୁଦ୍ର ମଧ୍ୟରେ ଶୁଷ୍କପଥ
କରାଇଲେ । ଲୋକମାନେ
ନିରାପଦରେ ପାର
ହୋଇଗଲେ ।

ଫାରୋଙ୍କର ସୈନ୍ୟମାନେ ମଧ୍ୟ ସେହି ଶୁଷ୍କପଥଦେଇ ଗଲେ । ବର୍ତ୍ତମାନ୍ ସୈନିକମାନେ ଭାବିଲେ ଆମ୍ଭେମାନେ ସେମାନଙ୍କୁ ଧରିବା । ମାତ୍ର ସଦାପ୍ରଭୁ ଜଳକୁ ବନ୍ଦ କଲେ ।



ଶକ୍ତିଶାଳି ମିଶ୍ରୀୟ ସୈନ୍ୟ ଜଳରେ ବୁଡ଼ିଗଲେ ।

ବର୍ତ୍ତମାନ୍ ଫାରୋ ଜାଣିପାରିଥିଲେ ଯେ

ଇସ୍ରାଏଲର ସଦାପ୍ରଭୁ ସବୁର

ପ୍ରଭୁ ଅଟନ୍ତି ।



ବିଦାୟ ଫାରୋ

ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ

ରୁ ଅନୁସନ୍ଧାନ କରାଯାଇଅଛି

ଯାତ୍ରାପୁସ୍ତକ ୪-୧୫

"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"
ଗୀତସଂହିତା ୧୧୯ : ୧୩୦

# ସମାପ୍ତି

ଏହି ବାଇବଲ୍ କହାଣି ଇଶ୍ୱରଙ୍କ ବିଷୟରେ ଆମ୍ଭମାନଙ୍କୁ କହେ, ଯିଏ କି ଆମ୍ଭମାନଙ୍କୁ ସୃଷ୍ଟି କରିଅଛନ୍ତି ଏବଂ ସେହି ଇଶ୍ୱର ଚାହାଁନ୍ତି ତୁମ୍ଭେ ତାହାଙ୍କୁ ଜାଣ ।

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଇଶ୍ୱର ଜାଣନ୍ତି, ଯାହାକୁ ଇଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ, କିନ୍ତୁ ଇଶ୍ୱର ତୁମ୍ଭକୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଜଗତକୁ ପଠାଇଲେ ଆମ୍ଭମାନଙ୍କର ପାପ ସକାଶୁ ସେ କୃଶ ଉପରେ ମୃତ୍ୟୁବରଣ କଲେ । ପୁନର୍ବାର ଯୀଶୁଖ୍ରୀଷ୍ଟ ଜୀବନକୁ ଫେରିଲେ, ଆଉ ସେ ସର୍ଗ ଗୃହକୁ ଗମନ କଲେ । ଯଦି ତୁମେ ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କର ଆଉ ନିଜର ପାପ କ୍ଷମା ନିମନ୍ତେ ତାଙ୍କୁ ପଚାର, ଆଉ ସେ ନିଶ୍ଚୟ କ୍ଷମା କରିବେ । ବର୍ତ୍ତମାନ୍ ସେ ଆସିବେ ଏବଂ ତୁମ୍ଭଠାରେ ବାସ କରିବେ ଆଉ ତୁମ୍ଭ ମଧ୍ୟ ତାଙ୍କଠାରେ ଚିର କାଳ ପର୍ଯନ୍ତ ବାସ କରିବ ।

ଯଦି ତୁମ୍ଭେ ଏହା ହିଁ ସତ୍ୟବୋଲି ବିଶ୍ୱାସ କର,
ତହିଁରେ ଇଶ୍ୱରଙ୍କୁ କୁହନ୍ତୁ:
ପ୍ରିୟର ଯୀଶୁଖ୍ରୀଷ୍ଟ ମୁଁ ବିଶ୍ୱାସ କରେ କି ତୁମ୍ଭେ ହିଁ ଇଶ୍ୱର
ଏବଂ ତୁମ୍ଭେ ମନୁଷ୍ୟ ରୁପ ଧାରଣ କରି, ମୋ କରିପାରିବି
ନିମନ୍ତେ ମୃତ୍ୟୁବରଣ କଲ, ବର୍ତ୍ତମାନ୍ ଜୀବିତ ଅଛନ୍ତି ।
ମୁଁ ମଧ୍ୟ ନୂତନ ଜୀବନ ଧାରଣ କରିପାରିବ, ଆଉ ସେହି
ଦିନ ଠାରୁ ତୁମ୍ଭ ସହିତ ଚିରକାଳ ରହିବି । ତୁମ୍ଭରି
ଆଜ୍ଞାକାରି ସନ୍ତାନ ଓ ତୁମ୍ଭ ନିମନ୍ତେ ବଞ୍ଚିବାକୁ
ସାହାଯ୍ୟ କରନ୍ତୁ । ଆମେନ୍ ।

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ
ଇଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ ।
ଯୋହନ ୩:୧୬